ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR-DoWR(OD)- 328-29/05/2021**

# ରାଜ୍ୟରେ ବନ୍ୟା ସ୍ଥିତି ସୁଧୁରୁଛି

## ଉପକୂଳବର୍ତ୍ତୀ ଅଂଚଳର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବନ୍ଧ ନିର୍ମାଣ ନିମନ୍ତେ ଜଳ ସମ୍ପଦ ବିଭାଗର ଯୋଜନା

ଭୁବନେଶ୍ୱର- ତା-୨୯.୦୫.୨୧

ରାଜ୍ୟରେ ବିଭିନ୍ନ ନଦୀରେ ଜଳସ୍ତର କମିଛି ଓ ବନ୍ୟା ସ୍ଥିତି ଧିରେ ଧିରେ ସୁଧୁରୁଛି । ଗତକାଲିଠାରୁ ଉପର ମୁଣ୍ଡରେ ଆଉ ବର୍ଷା ନଥିବାରୁ ବନ୍ୟାସ୍ଥିତି ଆଜି ସଂଧ୍ୟା ବା କାଲି ସୁଦ୍ଧା କମିବ ବୋଲି ଜଳସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଜ୍ୟୋତିର୍ମୟ ରଥ କହିଛନ୍ତି । "ୟାସ" ବାତ୍ୟା ଯୋଗୁଁ ଲଗାଣ ବର୍ଷା ଫଳରେ ମଧ୍ୟମ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ବିଭାଗ ପକ୍ଷରୁ ବାତ୍ୟା ପରିପ୍ରେକ୍ଷୀରେ ପୂର୍ବ ପ୍ରସ୍ତୁତି ଓ ସମ୍ଭାବ୍ୟ ଅଧିକ ପ୍ରଭାବିତ ଜିଲ୍ଲାରେ ଜଳସଂପଦ ବିଭାଗର ନିୟୋଜିତ ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖି ପରିସ୍ଥିତି ପ୍ରତି ନଜର ରଖି କାର୍ଯ୍ୟ କରିଥିଲେ । ବନ୍ୟା ସ୍ଥିତିକୁ ନଜରରେ ରଖି ବୈତରଣୀ, ବୁଢାବଳଙ୍ଗ ଓ ସୁବର୍ଣ୍ଣରେଖା ଅବବାହିକାରେ ଥିବା ବୃହତ୍ ଓ ମଧ୍ୟମ ଜଳ ଭଣ୍ଡାରଗୁଡିକର ସୁପରିଚାଳନା କରାଯାଇଥିଲା । ବନ୍ୟା ନିୟନ୍ତ୍ରଣ କକ୍ଷ, ସର୍ବୋଚ୍ଚ ଯନ୍ତ୍ରୀ, ବିଭାଗୀୟ ପ୍ରମୁଖ ଶାସନ ସଚିବ, ବିଭାଗୀୟ ମନ୍ତ୍ରୀ,ଏସ୍.ଆର୍,ସି, ମୁଖ୍ୟ ଶାସନ ସଚିବ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମସ୍ତେ ଟେଲିଫୋନ୍ ଏବଂ ହ୍ୱାଟ୍ସ୍ ଆପ୍ ମାଧ୍ୟମରେ ଯୋଗାଯୋଗରେ ରହି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ତଥାପି ଯେଉଁ ସବୁ ନଦୀବନ୍ଧର କ୍ଷୟକ୍ଷତି ଘଟିଛି, ବିଭାଗ ପକ୍ଷରୁ ସେସବୁର ରିପୋର୍ଟ ସଂଗ୍ରହ ଚାଲିଛି । ଯାଜପୁର ଜିଲ୍ଲା ଦଶରଥ ପୁର ବ୍ଲକ ଅନ୍ତର୍ଗତ ମଲ୍ଲିକାପୁର ପଂଚାୟତ ବୈତରଣୀ ଶାଖାନଦୀ "କାଣୀ" ବାମପାର୍ଶ୍ୱ ନଦୀବନ୍ଧରେ ଗୋଟିଏ ଘାଇ ସୃଷ୍ଟି ହୋଇଛି । ଘାଇର ମରାମତି କାର୍ଯ୍ୟ ଆଜି ସୁଦ୍ଧା ସଂପୂର୍ଣ୍ଣ କରାଯିବା ନେଇ ସେଠାରେ ଯାଜପୁର ଜଳସଂପଦ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ରହି ବନ୍ଧ ମରାମତି କାର୍ଯ୍ୟ ତଦାରଖ କରୁଛନ୍ତି ।

ବାତ୍ୟା ୟାସ ପରବର୍ତ୍ତୀ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ଏକ ବୈଠକ ଆଜି ଜଳସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରମୁଖ ଶାସନ ସଚିବ କହିଛନ୍ତି ଯେ, ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନଙ୍କର ବିଭାଗୀୟ କାର୍ଯ୍ୟର ସଫଳତା ନେଇ ପୂର୍ବରୁ ଅଭିଜ୍ଞତା ରହିଛି । ସେମାନେ ଜାଣିଛନ୍ତି ଯେ, କାର୍ଯ୍ୟ କରିବାରେ କେଉଁଠି ଅସୁବିଧା ରହୁଛି । ସେମାନଙ୍କର ଶ୍ରେଷ୍ଠ ଅଭିଜ୍ଞତାକୁ ପାଥେୟ କରି ପୂର୍ବରୁ ଯୋଜନାରେ ରହିଥିବା କାର୍ଯ୍ୟ ଓ ଚଳିତ ବାତ୍ୟାଜନିତ କ୍ଷୟକ୍ଷତି ଆଧାରରେ ଏକ ବ୍ୟାପକ ନକ୍ସା ଓ ଯୋଜନା ପ୍ରସ୍ତୁତ କରି ତଦନୁସାରେ କାର୍ଯ୍ୟ କରିବା ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି । ଦୁର୍ବଳ ନଦୀବନ୍ଧ, ଯେଉଁଠି କାମ ନିତାନ୍ତ ଆବଶ୍ୟକତା ରହିଛି, ସେଠାରେ ନିଷ୍ଠାର ସହ ଅଧିକାରୀ ଓ ଯନ୍ତ୍ରୀମାନେ ଏପରି କାର୍ଯ୍ୟ କରନ୍ତୁ, ଯାହାକି ଆଗାମୀ ଦିନରେ ତାହା ସମ୍ଭାବ୍ୟ ବାତ୍ୟା ବା ବନ୍ୟା ପ୍ରତିରୋଧକ ହୋଇପାରିବ । ଜରୁରୀ ମରାମତି ଆବଶ୍ୟକତା ଥିବା କ୍ଷେତ୍ରରେ ଅର୍ଥ ପ୍ରତିବନ୍ଧକ ହେବ ନାହିଁ ବୋଲି ପ୍ରକାଶ କରିବା ସହିତ ସେ କାମଗୁଡିକୁ ତ୍ୱରାନ୍ୱିତ କରିବାକୁ କହିଛନ୍ତି ।

ଅନ୍ୟ ପକ୍ଷରେ ଉପକୂଳ ୧୦ଟି ଜିଲ୍ଲା ତଟବର୍ତୀ ଅଂଚଳକୁ ସୁରକ୍ଷା ଦେବା ପାଇଁ ଜଳ ସଂପଦ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଉଛି । ପୂର୍ବରୁ ଜାତୀୟ ବାତ୍ୟା ବିପର୍ଯ୍ୟୟ କ୍ଷତି ପରିଚାଳନା ପ୍ରକଳ୍ପ( ନ୍ୟାସନାଲ ସାଇକ୍ଲୋନ୍ ରିସ୍କ ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ- **NCRMP)** ଜରିଆରେ ରାଜ୍ୟର ୪ଟି ଜିଲ୍ଲା ଯଥା କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ୫୨ କିଲୋମିଟର ଦୀର୍ଘ ଲୁଣାବନ୍ଧର ସୁରକ୍ଷା କାର୍ଯ୍ୟ ଜଳ ସଂପଦ ବିଭାଗ ପକ୍ଷରୁ କରାଯାଇଛି । ବିଶ୍ୱ ବ୍ୟାଙ୍କ ସହାୟତାରେ ୨୦୧୩-୨୦୧୬ ଯୋଜନାରେ ଏହି ବନ୍ଧ ନିର୍ମାଣ କରାଯାଇଥିଲା । ଏହା ମଧ୍ୟରେ ୫ଟି ବଡ ଧରଣର ବାତ୍ୟା ଯଥା ତିତ୍‌ଲି, ଫନି, ବୁଲ୍‌ବୁଲ୍ , ଅମ୍ଫାନ ତଥା ଏଥରର ୟାସ ପରେ ମଧ୍ୟ ଏହି ଲୁଣା ବନ୍ଧର ବିଶେଷ କ୍ଷୟକ୍ଷତି ହୋଇନାହିଁ । ଲୁଣାବନ୍ଧର ସ୍ଥାୟିତ୍ୱ, ଓ ଦୃଢତାକୁ ଦୃଷ୍ଟିରେ ରଖି ଅଗ୍ରାଧିକାର ଭିତିରେ ଦୁର୍ବଳ ସ୍ଥାନଗୁଡିକୁ ଚିହ୍ନଟ କରି ରାଜ୍ୟରେ ୧୬୫୦ କିଲୋମିଟର ଲୁଣାବନ୍ଧକୁ ପ୍ରାୟ ୬ହଜାରରୁ ୭ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ କରାଯିବା ପାଇଁ ବିଭାଗ ତରଫରୁ ପ୍ରସ୍ତାବ ରହିଛି । ତେଣୁ ଅତୀତର ଅନୁଭୂତି ଓ ସଫଳତା ଆଧାରରେ ଆଗକୁ ଏହି ପ୍ରସ୍ତାବିତ ଉପକୂଳବର୍ତୀ ସମୁଦ୍ରତଟ ବନ୍ଧ ସୁଦୃଢୀକରଣ କାର୍ଯ୍ୟ କରାଯିବ ବୋଲି ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଇଂରଥ ପ୍ରକାଶ କରିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ